# ଅନ୍ୟ ପାଇଁ ଜିଇଁ ଶିଖ

ପରମାତ୍ମାଙ୍କ କରୁଣାରୁ ମଣିଷ ଜନ୍ମ ମିଳିଥାଏ। ମାତ୍ର ମଣିଷପଣିଆ ଅର୍ଜନ କରିବାକୁ ହୁଏ। ନିଜର କେତେକ କୁସଂସ୍କାରକୁ ତ୍ୟାଗ କରି ନୂଆ କିଛି ସଂସ୍କାରକୁ ଆପଣେଇବାକୁ ହୁଏ। ସେହି ଅନୁସାରେ ଚଳିବାକୁ ହୁଏ। ତାହା ହେଲେ ମଣିଷ ଭିତରେ ଜନ୍ମ ନିଏ ମାନବିକତା ବା ମଣିଷପଣିଆ। ନିଜେ ବଞ୍ଚିବା ସହିତ ଅନ୍ୟର ସୁବିଧା କଥା ଚିନ୍ତା କରିବା ମଣିଷପଣିଆର ଗୋଟିଏ ପାହାଚ। ଏ ନେଇ ଏକ କାଳ୍ପନିକ କାହାଣୀ।

ପୁପୁର ମାମୁ ଜଣେ ବଡ଼ ଅଫିସର ଓ ବହୁ ସମ୍ପତ୍ତିର ମାଲିକ। କିନ୍ତୁ ତାଙ୍କ ଚଳଣି ପୁପୁକୁ ଆଦୌ ଭଲ ଲାଗେନା। କେବେ ବଜାରକୁ ଜନିଷପତ୍ର କିଣିବାକୁ ଗଲାବେଳେ ମାମୁ ଡ୍ରାଇଭରକୁ ଡାକନ୍ତି। କାର୍‌ରେ ମାମୁ, ମାଇଁ ଓ ପୁପୁ ଥାଆନ୍ତି। ପୁପୁ ମାଇଁଙ୍କ ସହିତ ଯାଏ ଶୋ’ ରୁମ୍‌କୁ। ମାମୁ ରାସ୍ତାକଡ଼ରେ ବସିଥିବା ଲୋକଠାରୁ ଜିନିଷ କିଣନ୍ତି। ବେଳେ ବେଳେ ଆଦୌ ଦରକାର ନଥିବା ଜିନିଷ ବି କିଣି ଥାଆନ୍ତି। ଦିନେ ତିନିଜଣ ଚପଲ କିଣିବାକୁ ବଜାର ଗଲେ। ରାସ୍ତା କଡ଼ରେ ବସିଥିବା ଚପଲ ବିକାଳିଠାରୁ ମୂଲଚାଲ କରି କୋଡ଼ିଏ ଟଙ୍କା କାଟି ମାମୁ ଚପଲ କିଣିଲେ। ପୁପୁ ଓ ତା’ର ମାଇଁ ଶୋ’ ରୁମ୍‌ରୁ ଚପଲ କିଣିଲେ। ପୁପୁ ଓ ତା’ର ମାଇଁ ନାମକରା ଜଳଖିଆ ଦୋକାନକୁ ଗଲେ। ରାସ୍ତା କଡ଼ରେ ବତୀ ଲଗାଇ ବାଦାମ ବିକ୍ରି କରୁଥିବା ବୟସ୍କ ଲୋକଟିଠାରୁ ମାମୁ ଚିନାବାଦାମ କିଣିଲେ। ଘରକୁ ଆସିଲା ପରେ ପୁପୁ କହିଲା- ‘ମାମୁ, ଆପଣଙ୍କ ପାଖରେ ତ ବହୁତ ଟଙ୍କା ଅଛି। ଶୋ’ ରୁମ୍‌ରୁ ଜିନିଷ ନକିଣି ରାସ୍ତା କଡ଼ରୁ ଜିନିଷ କିଣି ଦଶ, କୋଡ଼ିଏ ଟଙ୍କା ଲାଗି ଏତେ ମୂଲଚାଲ କରୁଛନ୍ତି ? ସେ ଦୋକାନୀ ଆପଣଙ୍କଠାରୁ ଦଶ କୋଡ଼ିଏ ଟଙ୍କା ନେଇ କ’ଣ ବଡ଼ଲୋକ ହୋଇଯିବ ? ନା ଆପଣ ଗରିବ ହୋଇଯିବେ ? କାର୍‌ରେ ଯାଇ ଏତେ ମୂଲଚାଲ କଲେ ଲୋକେ କ’ଣ ଭାବିବେ ! ପୁଣି ଯେଉଁ ଜିନିଷ ସବୁ ଆମର ବର୍ତ୍ତମାନ ଦରକାର ନାହିଁ, ସେ ସବୁକୁ କାହିଁକି ଆଣୁଛନ୍ତି ?’ ପୁପୁର କଥାକୁ ମାଇଁ ମଧ୍ୟ ସମର୍ଥନ କଲେ।

ଉତ୍ତିଷ୍ଠତ

ପଦାରବିନ୍ଦ

ମାମୁ କହିଲେ- ‘ପୁପୁ ! ଦୁନିଆରେ ଅନେକ ଲୋକ ଭିକ ନମାଗି ସ୍ୱାଭିମାନର ସହିତ ବଞ୍ଚିବାକୁ ଚାହାଁନ୍ତି। ତେଣୁ ଅଳ୍ପ ପୁଞ୍ଜିରେ ଦୋକାନଟିଏ କରି ଥାଆନ୍ତି। ସେମାନଙ୍କ ସ୍ୱାଭିମାନକୁ ସମ୍ମାନ ଦେବା ପାଇଁ ମୁଁ ରାସ୍ତାକଡ଼ରୁ ଜିନିଷ କିଣିଥାଏ। କାହାଠାରୁ ଜିନିଷଟିଏ କିଣିଲେ ତ ସେ ଦି’ ପଇସା ପାଇବ। କେବଳ ସେହି ସ୍ୱାଭିମାନୀ ମଣିଷକୁ କିଛି ଟଙ୍କା ଯୋଗାଇ ଦେବାକୁ ଆମ ପାଇଁ ବର୍ତ୍ତମାନ ଦରକାର ହେଉ ନଥିବା ଜିନିଷ ସଂଗ୍ରହ କରିଥାଏ। ଯେଉଁ ମୂଲଚାଲ କଥା କହୁଛୁ, ତାହା ମୁଁ ନିଜ ପାଇଁ କରି ନଥାଏ। ଲୋକଙ୍କ ଭାବନାକୁ ଗୁରୁତ୍ୱ ନଦେଇ ଗୋଟିଏ ଗରିବ ଲୋକ ପାଇଁ ହିଁ ଏହା କରିଥାଏ। ବିକ୍ରି କରୁଥିବା ଲୋକଟି ମୋ’ଠାରୁ ଯେତିକି ଦାମ୍ ନେବ, ଜଣେ ଗରିବଠାରୁ ମଧ୍ୟ ସେହି ଦାମ୍ ଦାବି କରିବ। ମୁଁ ଅଧିକ ଟଙ୍କା ଦେଇ ମୋର ବଡ଼ଲୋକି ଦେଖାଇ ଜଣେ ଦିନ ମଜୁରିଆର ନିଅଣ୍ଟିଆ ପରିବାରକୁ ପରୋକ୍ଷରେ ଆଘାତ ଦେବାକୁ ଚାହେଁନା।’

ମାମୁଙ୍କ କଥାରେ ପୁପୁ ଓ ମାଇଁ ପରସ୍ପରକୁ ଚାହୁଁଥିଲେ। ବାସ୍ତବରେ ସ୍ୱାଭିମାନରେ ଜିଉଁଥିବା ମଣିଷକୁ ସମ୍ମାନ ଦେବା ଉଚିତ୍। ଗରିବ, ଅସହାୟ, ସ୍ୱାଭିମାନୀ ମଣିଷ ପାଇଁ ପୁପୁ ଓ ତା’ର ମାଇଁଙ୍କ ଦରଦୀ ହୃଦୟ ଚେଇଁ ଉଠୁଥିଲା। ■